କାବ୍ୟକୃତି - ପୁନଶ୍ଚ

ସଂସାରୋୟଂ

କବି ରଘୁନାଥ ଦାସ

ଜାଣେ ନା କିଏ ବିଂଧାଣୀ କାହିଁ ଲାଗି ଗଢ଼ିଲା ଏ ତନୁ,

ପଞ୍ଚଭୂତ ସମନ୍ବୟେ କଳ୍ପନାର ଯେତେ ଇନ୍ଦ୍ରଧନୁ

ଭରି ମୋର ଅଙ୍ଗେ ଅଙ୍ଗେ, ପ୍ରାଣେ ଦେଇ ଅଦମ୍ୟ ପ୍ରେରଣା,

ସଂଜୀବିତ କରି ମୋର ବୁକୁତଳେ ଆଶା ଉଦ୍ଦୀପନା ।

ମୁଁ ଚାଲିଛି: ଗତିପଥେ କେତେ ସାଥି, କେତେ କୋଳାହଳ;

ଶୁଭ କେତେ ଗୀତଛନ୍ଦ, ଦେଖେ କେତେ ଉତ୍ସବ ଉଚ୍ଛଳ;

କେତେ ଛଳ ଛଳ ଆଖିକହେ ପୁଣି ବ୍ୟଥା ଅସରନ୍ତି

ତା ଜୀବନ ଛତ୍ରେ ଛତ୍ରେ;

ଏ ମହାନାଟକ ଚାଲେ ଦୁଃଖ ଶୋକ ହର୍ଷ ଓ ଲୋତକେ,

ଐଶ୍ୱର୍ଯ୍ୟ ଓ ଦୈନ୍ୟ ଛାୟାତଳେ ଭରି ଅଙ୍କେ ଅଙ୍କେ ।

ଧନୀର ବିଷୟ ତୃଷା, ନିର୍ଦ୍ଧନର ବୈରାଗ୍ୟ ବିଭବ ,

ପ୍ରତି ଛତ୍ରେ ଫୁଟିଉଠେ ଜୀବନର ବିପୁଳ ଗୌରବ ।

ସେ ଗୌରବ ପ୍ରଜ୍ୱଳିତ ଦୀପ୍ତମନ୍ତ ମୁଁ ଏକ ସଳିତା,

ରୂପ-ରସ-ଗନ୍ଧ ନେଇ ଅକସ୍ମାତେ ହୋଇଛି ସମ୍ଭୂତ

ମୁଁ ଏକ ବୁଦ୍ ବୁଦ୍

www.jatayu.org

ସଂସାରୋୟଂ

କବି ରଘୁନାଥ ଦାସ

ସମ୍ଭବିଛି କାଳ-ସ୍ରୋତେ

କାଳ ସ୍ରୋତେ ହୋଇଯିବି ଲୀନ;

ବାନ୍ଧିବାକୁ ଏଥି ମୋତେ କିଆଁ ଚାହଁ ଚିରଦିନ?

www.jataayu.org